# କାର୍ଯ୍ୟକ୍ରମର ତାଳେ ତାଳେ

ମନ ଏକ ଉଡୁଥିବା ପକ୍ଷୀ । ହାତ, ଏକ ସଜାଡୁଥିବା ଓ ଗଢୁଥିବା ପ୍ରୟାସ । ଉଭୟଙ୍କୁ ଏକାଠି କରି ପାରିଲେ ତାହା ଦିଏ ନୂଆ ନୂଆ ନିର୍ମାଣକୁ । ସେ ନିର୍ମାଣ କେତେବେଳେ ଖେଳ ତ କେତେବେଳେ କଳାକୃତି, କେତେବେଳେ ଲେଖା ତ କେତେବେଳେ ବୈଜ୍ଞାନିକ ଉଦ୍ଭାବନ ।

*ସର୍‌ଗିଫୁଲ ମହୋତ୍ସବରେ ରୂପ ପରିଗ୍ରହଣ କରିଥିବା ବିଭିନ୍ନ କର୍ମଶାଳାରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନେ ମନ ଫିଟାଇ, ହାତ ଲଗାଇ ଭିନ୍ନ ଭିନ୍ନ ବିଷୟରେ ଶିଖିବା ସହ ନିଜ ହାତକାମର ନମୁନା ପ୍ରଦର୍ଶନ ମଧ୍ୟ କରିଥିଲେ ।*



# ସରଗିଫୁଲ - ୨୦୧୧

"ସରଗିଫୁଲ ଉତ୍ସବ - ୨୦୧୧" ଆମ ବିଭାଗୀୟ ଛାତ୍ରଛାତ୍ରୀ ତଥା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ପାଇଁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କର ଏକ ସୁନ୍ଦର ଉପହାର । ସରଗିଫୁଲ ୨୦୧୦ ଓ ୨୦୧୧ ମଧ୍ୟରେ ରହିଛି ଯଥେଷ୍ଟ ଫରକ । ସମ୍ଭାବନାର ବିପୁଳ ସୁରଭିରେ ସୁରଭିତ ଆମ ସରଗିଫୁଲ ଏ ବର୍ଷ ଆଣି ଦେଇଛି ସୀମାହୀନ ସୁଖ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅନେକରେ ଏକ ରଙ୍ଗର ପକ୍ଷୀମାନଙ୍କର କାକଳି 'ସରଗିଫୁଲ' ଜଙ୍ଗଲକୁ ମୁଖରିତ ଓ ସୁଶୋଭିତ କରୁଥିଲା ।

ଆଦିବାସୀ ପ୍ରଦର୍ଶନୀ ପଡ଼ିଆର ରଙ୍ଗ ବଦଳି ଯାଇଥିଲା । ମୁଖ୍ୟ ମଞ୍ଚର ଆକର୍ଷଣ ଥିଲା ପିଲା ତଥା ଦେଖଣାହାରୀମାନଙ୍କ ପାଇଁ ରୋମାଞ୍ଚକର । ଫୁଲେଇ ହେଉଥିଲା ଅଲିଚିକି ଶରଧା ଫୁଲ ସରଗିଫୁଲ । ସଞ୍ଜ ନଇଁଲେ ରାତି ଆସିଲେ ଝିଲିମିଲି ଆଲୁଅରେ ଖିଲି ଖିଲି ହସର ପସରା ନେଇ ଉତ୍ସବ ସ୍ଥଳ ହସରସରେ ରସାୟିତ ହୋଇଥିଲା । ଖେଳପ୍ରିୟ ପିଲାମାନଙ୍କ ପାଇଁ ଅନ୍ୟତମ ଆକର୍ଷଣ ଥିଲା, ଶିଶୁପ୍ରିୟ ଖେଳନାର ସମ୍ଭାର । ନୀରବରେ କଥା କହୁଥିବା ଖେଳନାଗୁଡ଼ିକୁ ନିରେଖି ଦେଖୁଥିଲେ ତିରିଶିଟି ଜିଲ୍ଲାର ଅମୃତର ସନ୍ତାନମାନେ । ସେମାନଙ୍କର ହସକୁରା ମୁହଁ ସବୁ ଦେଖିଲେ ଖୁବ୍ ଖୁସୀ ଲାଗୁଥିଲା ।

ଖାଦ୍ୟର ମଜା ଥିଲା ନିଆରା । ଆମ ରୋଷେଇ ଆମ ପାଇଁ ସଜାଇ ରଖିଥିଲା ରକମ ରକମ ଖାଦ୍ୟ । ପ୍ରାୟତଃ ପ୍ରତିଦିନ ସୁଆଦିଆ ଖାଦ୍ୟସବୁ ହାତଠାରି ମନୋଲୋଭା ଠାଣିରେ ଡାକୁଥିଲେ । ନାଚ ଓ ଗୀତରେ ମଞ୍ଚ ଦୁଲୁକୁଥିଲା । ଫୁଲରେ ଫୁଲରେ ରଙ୍ଗରେ ରଙ୍ଗରେ ସଜେଇ ନେଇ ମନମତାଣିଆ ଛନ୍ଦରେ ଛନ୍ଦ ତୋଳୁଥିଲେ ଛନ୍ଦହୀନ ତିରିଶିଟି ଜିଲ୍ଲାର କୁନି କଳାକାରମାନେ । ଦେଖୁଥିବା ଲୋକ କଥା ହେଉଥିଲେ ........

ଶୁଣ ଶୁଣ ଘୁଙ୍ଗୁରର ସୁର
ସୁମଧୁର ଶବ୍ଦର ଝଙ୍କାର,
ଦେଖ ଦେଖ ମୁଖର ଭଙ୍ଗୀମା
ଥେଇ ଥେଇ ନାଚୁଥିବା ସୁଠାମ ଶରୀର ।

"ଚାଲ ବୁଲିଯିବା କୋଣାରକ ପୁରୀ" ଏମିତି ଏକ ଭ୍ରମଣର ବାର୍ତ୍ତାପାଇ ଖୁସୀ ତାଙ୍କ ସୀମା ସରହଦ ମାନି ନଥିଲା । ବସ୍‌ରେ ବସିଲା ପରେ ଚାଲିଲା ଗପସପର କସରତ, ଅନ୍ତାକ୍ଷରୀ ଗୀତ ପ୍ରତିଯୋଗିତା, ଚଳନ୍ତା ଗାଡ଼ିରେ 'ମୁଁ ଯଦି ହୁଅନ୍ତି ଟିକି ଚଢ଼େଇ' ଅ ଆ ଇ ଈ ଉ ଊ ଋ ଝୁମା ଝୁମା ନାଚ ଆଉ ଗୀତ । ହୋ ହାଲ୍ଲାର ନିନାଦ ମଧ୍ୟରେ ଦେଖାହେଲା କୋଣାର୍କର ଅପରୂପ ମହିମାମଣ୍ଡିତ ଦୃଶ୍ୟ । କଥାରେ କହିହେବ ନାହିଁ ଭାବ ସମୁଦ୍ରର ନାଥ ଜଗନ୍ନାଥ ଜଗତର ନାଥ ଶ୍ରୀକ୍ଷେତ୍ରର ଅନନ୍ୟ ଅନୁଭୂତି । ବଡ଼ ଦେଉଳ, ବଡ଼ ଦାଣ୍ଡ, ବଡ଼ ପଣ୍ଡା, ବଡ଼ ଘଣ୍ଟା, ବଡ଼ ଧଣ୍ଡା, ବଡ଼ ଠାକୁର । ସବୁ ବଡ଼ ଭିତରେ ଛୋଟ ପିଲାଏ ଉଲ୍ଲସିତ ହେଉଥିଲେ । ଭାରି ଭଲ ଲାଗିଲା ।

## ଶିଖି ଶିଖାଇବା ସକଳ ଜନେ

"ସରଗି ଫୁଲ-୨୦୧୦" ଓ ୨୦୧୧ର କର୍ମଶାଳା ଭିତରେ ଚଳିତ ବର୍ଷ ଥିଲା ଭାରି ବଢ଼ିଆ । 'A' ଠାରୁ ଆରମ୍ଭ କରି 'F' ପର୍ଯ୍ୟନ୍ତ କର୍ମଶାଳାଗୁଡିକ ହୋଇ ଉଠିଥିଲା ଚଳଚଞ୍ଚଳ । ଶିଖି ଶିଖାଇବା ଭାବଧାରା ଭିତରେ ସଭିଏଁ ବୁଡ଼ି ଯାଇଥିଲେ ।

କେଉଁଠି ମ୍ୟାଜିକ୍‌ର ମଜା ଚାଲିଥିବା ବେଳେ କେଉଁଠି କଞ୍ଚାମାଟି ଚୁପି ଚୁପି କଥା ହେଉଥିଲେ ଖେଳ ଖେଳନାରେ । ମହାମାନବମାନଙ୍କର ମୂର୍ତ୍ତିସବୁ ଦେଖୁଥିଲେ ଦାୟାଦମାନଙ୍କର ପାରିବା ପଣିଆର କଳା କୌଶଳ ।

ଶିଶୁ ସାମ୍ବାଦିକମାନେ ଉତ୍ସାହର ସହିତ ସମ୍ବାଦ ସଂଗ୍ରହରେ ଘୂରି ବୁଲୁଥିଲେ ଏଠି, ସେଠି, ସବୁଠି । 'ମୋ ଚିତ୍ରରେ ମୋ ରଙ୍ଗ' କେମିତି, କିପରି କାହିଁକିରେ ମାତି ଉଠିଥିଲେ ଚିତ୍ରାଙ୍କନ ପ୍ରେମୀ ଛାତ୍ରଛାତ୍ରୀମାନେ ।

ଆଶୁସୃଜନଶୀଳ ଲେଖା କର୍ମଶାଳାର ମଜାଥିଲା ନିଆରା । ଭାବନା ସବୁ ଦେଖା ଦେଉଥିଲେ କୁନି ପିଲାଙ୍କର କୁନି କବିତାରେ କୁନିକୁନି ହାତର କୁନି କାହାଣୀରେ । ନନ୍‌ସେନ୍‌ସ କବିତାରେ ସେନ୍‌ସ୍ ହଜିଯାଉଥିଲା ଆସ ମଜା ନେବା ବିଜ୍ଞାନ ଖେଳରେ, ଗଣିତ ଖେଳରେ । ଅସହଜ ଲାଗୁଥିବା ବିଜ୍ଞାନ ଓ ଗଣିତ, ସହଜ ହେଉଥିଲେ ଖେଳରେ ଖେଳରେ । ଓଡ଼ିଶାର ପରିଚିତ ଓଡ଼ିଶୀକୁ ମୁଁ ଶିଖିବି, ମୁଁ ଜାଣିବି, ମୁଁ ନାଚିବି ଓଡ଼ିଶୀ । ଏମିତିରେ ମାତି ଉଠିଥିଲେ କଳା ଗ୍ୟାଲେରୀରେ କଳାକାରମାନେ । ମୁଦ୍ରାରେ ମୁଦ୍ରାରେ ବିମୋହିତ କରିଚାଲିଥିଲେ । ନାଚରେ ପିଲେ ନାଚ । ଏମିତି ନାଚ, ଏମିତି ନାଚ, ନାଚ ଚମକରେ ଚମତ୍କୃତ କରୁଥିଲେ ନାଚ କର୍ମଶାଳାକୁ, ନାଚପ୍ରେମୀ କିଶୋର କିଶୋରୀ କଳାକାରମାନେ ।

ଆମ ଆଇନା ଆମ ଖେଳନା, ଆମ ହାତର ଆମରି କଳା, ଖେଳନା କର୍ମଶାଳାରେ ଚାଲିଥିଲା ଏମିତି ଲୀଳା । କାଗଜ କାମ, କାଗଜରେ ମୁଖା, କାଗଜକଥା ଭାରି ମଜା । କର୍ମଶାଳାର ଆଶ୍ଚର୍ଯ୍ୟକର କଳା କୌଶଳ ନିଶ୍ଚିତ ଆଖିଦୃଶିଆ ଥିଲା ।

ଆମ ଫଟୋରେ ଆମେ ଆନନ୍ଦିତ । ଫଟୋ ଉଠାର କୌଶଳ ଫଟୋ ଉଠା କର୍ମଶାଳାରେ କରୁଥିଲା ଲୀଳାଖେଳା ।

ସ୍ଥିର ଚିତ୍ରଗୁଡ଼ିକରେ ପ୍ରାଣଭରି ଦେଉଥିବାର ଦୃଶ୍ୟ ଦେଖିଲେ ମନ ନାଚି ଉଠୁଥିଲା । 'ଆନିମେସନ' କର୍ମଶାଳାରେ ଛବିସବୁ ଜୀବନ୍ତ ହୋଇ ଉଠୁଥିବାର ଦୃଶ୍ୟ ସୃଷ୍ଟି କରୁଥିଲା ପ୍ରହେଳିକା ।

"ଫିଙ୍ଗି ଦିଅ ଲୋଡ଼ାନାହିଁ ଯାହା" କୁ ବିରୋଧ କରି ନଷ୍ଟକୁ ଉତ୍କୃଷ୍ଟ କରୁଥିବା କର୍ମଶାଳାର ଛାତ୍ରଛାତ୍ରୀଙ୍କ ପାଇଁ କର୍ମଶାଳାଗୁଡ଼ିକର ବାର୍ତ୍ତାଥିଲା ଏମିତି :

ଆସ ଆସ ଡ଼େରି କରନାହିଁ
ବେଳ ତ ଆସିଛି ଜାଣିବା ଓ ଜଣେଇବାର ବେଳ
ଜାଗିଉଠ, ଲାଗିପଡ଼ ଶିଖିନିଅ ସବୁଙ୍କଠାରୁ
ଖୋଲା ଅଛି ଜାଣିବା ଦୁଆର
ଜିଣିନିଅ ଜୀବନକୁ ସୁଖମୟ କର ।

'ବାଘନିସ ହନାଲା'ର ରଙ୍ଗୀନ ରଙ୍ଗରେ ରଙ୍ଗାୟିତ ହୋଇଥିଲା ଜ୍ଞାନ ବିଜ୍ଞାନର ପ୍ରକଳ୍ପଗୁଡ଼ିକ । ପିଲାମାନଙ୍କର ସୁଅ ଛୁଟୁଥିଲା ପ୍ରଦର୍ଶନୀ ସ୍ଥଳକୁ । ଅସୁମାରୀ ପ୍ରଶ୍ନ ପଚାରି ଚାଲିଥିଲେ କୁନି କୁନି ବୈଜ୍ଞାନିକମାନଙ୍କୁ । ସୀମିତ ଉତ୍ତର ଅସୀମିତ ପ୍ରଜ୍ଞାର ପରିଚୟ ପ୍ରଦାନ କରୁଥିଲା । ଭାରି ବଢ଼ିଆ ଥିଲା ପିଲାମାନଙ୍କର ଧୀଶକ୍ତି ପ୍ରଦାନକାରୀ ବିଜ୍ଞାନମେଳା ।

ସରଗିଫୁଲ-୨୦୧୧ର ଅନୁଭୂତି ଖୁବ୍ ସୁଖଦ । ସ୍ମରଣୀୟ । ଶିକ୍ଷଣୀୟ, ଆକର୍ଷଣୀୟ ।

ସରଗିଫୁଲ ୨୦୧୧ର ସୁନା ସପନ ସତ୍ୟରେ ପରିଣତ ହୋଇଥିବାରୁ ବିଭାଗକୁ ସାଧୁବାଦ । ପୁଣି ଦେଖା ହେବ ୨୦୧୨ରେ । ❑❑❑

# ସୃଜନାତ୍ମକ ନୃତ୍ୟ

❖ ପିଲାମାନେ ନୃତ୍ୟଗୁରୁ ଦେବାଶିଷ ପାଲଙ୍କ ତତ୍ତ୍ୱାବଧାନରେ ସୃଜନାତ୍ମକ ନୃତ୍ୟ କର୍ମଶାଳାରେ ଯୋଗଦେଇ ବିଭିନ୍ନ ନୃତ୍ୟ ଏବଂ ସେଗୁଡ଼ିକର ଶୈଳୀ ବିଷୟରେ ସମ୍ୟକ୍ ସୂଚନା ପାଇଥିଲେ ।

❖ ବିଭିନ୍ନ ହିନ୍ଦି, ଓଡ଼ିଆ ଚଳଚ୍ଚିତ୍ର ତଥା ଆଧୁନିକ ଗୀତର ତାଳେ ତାଳେ ଭିନ୍ନଭିନ୍ନ ଅଂଗଭଙ୍ଗୀରେ ସମସ୍ତ ଛାତ୍ରଛାତ୍ରୀ ନୃତ୍ୟଶିକ୍ଷା କରିଥିଲେ ।

❖ ମାନସିକ ଏକାଗ୍ରତା ଓ ବିଭିନ୍ନ ଅଂଗ ମୁଖ୍ୟତଃ ହାତ, ଗୋଡ଼, ମୁଖମଣ୍ଡଳ, କମର ଇତ୍ୟାଦିର ଚାଳନା ଗୀତଗୁଡ଼ିକର ତାଳ ଓ ଲୟ ପ୍ରକାରେ ପରିବର୍ତ୍ତିତ କରିବା ସକାଶେ ପିଲାମାନେ ଶିଖିଥିଲେ ।

❖ ନିଜ ଶରୀରକୁ ସୁସ୍ଥ ରଖି ନିୟମିତ ବ୍ୟାୟାମ କଲେ ସୃଜନାତ୍ମକ ନୃତ୍ୟରେ ପାରଦର୍ଶିତା ଲାଭ ହୋଇପାରିବେ ବୋଲି ପିଲାମାନେ ହୃଦୟଙ୍ଗମ କରିଥିଲେ ।

❖ ବାଦ୍ୟର ତାଳରେ, ବିନା ବାଦ୍ୟରେ, ନମ୍ବର ମାଧମରେ କେବଳ ଶବ୍ଦ ଓ ଠାର ମାଧମରେ ମଧ ନୃତ୍ୟ ପରିବେଷଣ କରାଯାଇପାରେ ଏକଥା ପିଲାମାନେ ଜାଣିପାରିଲେ ।

❖ ସମସ୍ତ ଛାତ୍ରଛାତ୍ରୀ ଗୋଟିଏ ଗୀତର ତାଳେ ତାଳେ ନୃତ୍ୟ ଶିକ୍ଷା କରିଥିଲେ । ❑❑❑









# ଫଟୋଗ୍ରାଫି

ସାଂପ୍ରତିକ ଯୁଗର ନୂତନ କ୍ୟାରିୟର ଭାବରେ ଫଟୋଗ୍ରାଫିକୁ ଗ୍ରହଣ କରାଯାଏ । ଏଣୁ ସରଗିଫୁଲ କାର୍ଯ୍ୟକ୍ରମରେ ଫଟୋଗ୍ରାଫି କର୍ମଶାଳାର ଆୟୋଜନ କରାଯାଇଥିଲା । ଉକ୍ତ ଶିବିରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶିକ୍ଷାର୍ଥୀମାନେ ଏହି ନୂତନ ତଥା ଶିକ୍ଷଣୀୟ କର୍ମଶାଳରୁ ନିମ୍ନଲିଖିତ ତଥ୍ୟ ସବୁ ଶିଖିଥିଲେ ।

- ❖ ସ୍ମୃତିକୁ ଜୀବନ୍ତ ରଖିବା ପାଇଁ ଫଟୋର ଆବଶ୍ୟକତା ।
- ❖ ଫଟୋ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବା ଓ ସାଇତି ରଖିବା ।
- ❖ ଫଟୋରୁ ଅନୁକରଣ, ବ୍ୟକ୍ତିତ୍ୱ ଆରୋପଣ ତଥା ବେଶ ପୋଷାକର ଧାରଣା ।





- ❖ ଗଣମାଧ୍ୟମ ଓ ସାମ୍ବାଦିକତା ପାଇଁ ଫଟୋଗ୍ରାଫିର ଆବଶ୍ୟକତା ।
- ❖ ଜୀବନ୍ତ (ଚଳମାନ) / Live ଫଟୋଗ୍ରାଫିର ଆବଶ୍ୟକତା ।
- ❖ ବିଭିନ୍ନ ପ୍ରକାର କ୍ୟାମେରା ଯଥା - Point and shot, View finder, point & shot digital, single lense reflex, medium format ଓ Large format ଇତ୍ୟାଦି ।
- ❖ କ୍ୟାମେରାର ଗୁରୁତ୍ୱପୂର୍ଣ୍ଣ ଅଂଶ, ତା'ର ରକ୍ଷଣାବେକ୍ଷଣ ।
- ❖ Photo means 'Light' graphy means (Rekha chitra)
- ❖ ଦୃଶ୍ୟ, ଶ୍ରାବ୍ୟ / କମ୍ପ୍ୟୁଟର ଯୁଗରେ ଫଟୋଗ୍ରାଫିର ଯଥେଷ୍ଟ ଗୁରୁତ୍ୱଥିବା ଶିକ୍ଷାର୍ଥୀମାନେ ଅନୁଭବ କରିଥିଲେ ।□□□

